# ଠେଙ୍ଗା ଛାଡ଼, କଲମ ଧର

ଗତକାଲି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ବାଣୀବିହାରରେ ଘଟିଥିବା ଅଭାବନୀୟ ଘଟଣାର ପ୍ରାମାଣିକ ଦୃଶ୍ୟ ଆଜି ଅଧିକାଂଶ ଖବରକାଗଜର ପ୍ରଥମ ପୃଷ୍ଠାରେ ସ୍ଥାନ ପାଇଛି । ଟେଲିଭିଜନ୍ ଚାନେଲ୍‌ଗୁଡ଼ିକ ମଧ୍ୟ ଏହାର ଆଖିଦେଖା ହାଲ୍ ବିବରଣୀ ପ୍ରସାରଣ କରିଛନ୍ତି । ଏହା ନହୋଇଥିଲେ ରାଜନେତା, ଛାତ୍ରନେତା, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସ୍‌ଙ୍କର ପ୍ରତିକ୍ରିୟା ଓ ବିବୃତି ଭିନ୍ନ ରକମର ହୋଇଥା'ନ୍ତା । ସତେ ଯେପରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସେଭଳି କିଛି ଗୁରୁତର ଘଟଣା ଘଟିନାହିଁ । ଆମ ବିଚାରରେ ବାଣୀବିହାରର ଗତକାଲିର ଘଟଣା ଭିନ୍ନ ଏକ ସମସ୍ୟା ଏବଂ ଆନୁଷ୍ଠାନିକ ଅବକ୍ଷୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ପ୍ରତ୍ୟେକ ସଭ୍ୟସମାଜରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥା'ନ୍ତି । ବିଶ୍ୱବିଦ୍ୟାଳୟ ସମାଜର ବୌଦ୍ଧିକ ନେତୃତ୍ୱ ନିଏ । ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ସୂତ୍ର ଓ ବାର୍ତ୍ତା ବିଶ୍ୱବିଦ୍ୟାଳୟ ପରିସରରୁ ହିଁ ଆସିଥାଏ । ବିଶ୍ୱରେ ଯେଉଁ ସବୁ ପରିବର୍ତ୍ତନ ହୋଇଛି, ସେଗୁଡ଼ିକର ମୂଳମନ୍ତ୍ର ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଛି । ମୋଟାମୋଟି ଭାବେ ପାଚେରି ଘେରା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ଟି ପାଚେରି ବାହାରେ ଥିବା ସମାଜ ଠାରୁ ଅନେକ ଦୃଷ୍ଟିରୁ ଭିନ୍ନ । ପାଚେରିଘେରା ସମାଜ ପାଚେରି ବାହାରେ ଥିବା ବୃହତ୍ତର ସମାଜକୁ ପ୍ରଭାବିତ କରିଥାଏ ଏବଂ ତା'ର ମାର୍ଗଦର୍ଶକ ସାଜିଥାଏ ।

ଆମ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଏକ ବିପରୀତ ଆଚରଣ ପ୍ରଦର୍ଶନ କରୁଛନ୍ତି । ବାହାର ସମାଜକୁ ପ୍ରଭାବିତ କରିବେ କ'ଣ ବରଂ ବାହ୍ୟତତ୍ତ୍ୱ ଦ୍ୱାରା ସେମାନେ ନିୟନ୍ତ୍ରିତ ଓ ପ୍ରଭାବିତ ହେବାକୁ ଉଚିତ ମନେ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

କରୁଛନ୍ତି । ବରିଷ୍ଠ ଅଧ୍ୟାପକମାନେ ଏ ଭଳି ଏକ ଅସମ୍ମାନଜନକ ସ୍ଥିତିକୁ ଆଦରି ନେଇ ନିଜର ତଥାକଥିତ ଅସହାୟତାବୋଧର ପରିଚୟ ଦେଉଛନ୍ତି । ଛାତ୍ର-ଅଣଛାତ୍ର ବିବାଦ ବୋଲି ଯାହାକୁ କୁହାଯାଉଛି, ତାହା ଏଭଳି ଏକ ମାନସିକତାର ସୂଚନା ଦେଉଛି । ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତେ ଜଣେ ଜଣେ ଛାତ୍ର ବା ଶିକ୍ଷକ । ଏଥିରେ ଅଣଛାତ୍ରଙ୍କର ଆଦୌ ସ୍ଥାନ ନାହିଁ । ତେବେ ଏ ଅଣଛାତ୍ରମାନେ ଆସୁଛନ୍ତି କୋଉଠୁ ? ତାଙ୍କୁ ପରିସର ଭିତରେ ଆଡ୍ଡା ଜମାଇବା ପାଇଁ ପ୍ରଶ୍ରୟ ଦେଉଛି କିଏ ? ଏ ପ୍ରଶ୍ନର ଉତ୍ତର ଖୋଜିଲେ ଆମ ରାଜନୈତିକ ବ୍ୟବସ୍ଥାର ଅନ୍ୟ ଏକ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷିତ ହେବ ।

ଆସନ୍ତା କେଇ ସପ୍ତାହ ପରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ହେବ । ଏ ନିର୍ବାଚନରେ ରାଜନୈତିକ ଦଳ ଓ ଗୋଷ୍ଠୀ ଗୁଡ଼ିକ ନିଜ ନିଜର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ତତ୍ପର । ସେଥିପାଇଁ ସେମାନେ ଯେ କୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି । ଛାତ୍ରନେତାମାନେ ଯେ ଛାତ୍ର କମ୍ ଓ ନେତା ଅଧିକ, ଏହାକୁ କେହି ଅସ୍ୱୀକାର କରିବେ ନାହିଁ । କେବଳ ନିର୍ବାଚନ ଲଢ଼ିବା ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବାରମ୍ବାର ନାମ ଲେଖାଇ ନାମକୁ ମାତ୍ର ଛାତ୍ର ହେବାର ନଜିର ଅନେକ ଅଛି । ପରସ୍ପର ପ୍ରତି ଦୋଷାରୋପ କରି ବିଭିନ୍ନ ରାଜନୈତିକ ଦଳ ଓ ଗୋଷ୍ଠୀଙ୍କର ଅନ୍ୟକୁ ଛୋଟ କରି ଦେଖାଇବାର ଅଭ୍ୟାସ ଏବେ ବି ଅବ୍ୟାହତ ରହିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନରେ ଥିବା କଲେଜ ଗୁଡ଼ିକର ସ୍ୱତନ୍ତ୍ର ମାନ୍ୟତା ଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯେ କୌଣସି ପରୀକ୍ଷାରେ ସଫଳତା ହାସଲ କରୁଥିଲେ । ଭାରତ ଓ ଭାରତ ବାହାରେ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ମାନ୍ୟତା ଥିଲା । ଆଜିର ଦୃଶ୍ୟ ଗୁଡ଼ିକୁ ଦେଖିଲେ ଏହାକୁ ଏକ ବିଶ୍ୱବିଦ୍ୟାଳୟ ବୋଲି ସ୍ୱୀକାର କରିବାକୁ ଅନେକେ ସଂକୋଚ କରିବେ । ମୋଟରସାଇକେଲ୍‌ରେ ଜିନ୍ ଓ ଟି'ସାର୍ଟ ପିନ୍ଧା ଯୁବକମାନଙ୍କ ହାତରେ ଠେଙ୍ଗା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖିବାକୁ ମିଳିଛି । ବିଶ୍ୱବିଦ୍ୟାଳୟରେ ଏ ସବୁର କି କାମ ? କାଗଜ, କଲମ ଏବଂ କମ୍ପ୍ୟୁଟର ସେମାନଙ୍କର ଅସ୍ତ୍ର ହେବା ଦରକାର । ଯେଉଁମାନେ ଯୁକ୍ତି ଏବଂ କଲମ ଯୁଦ୍ଧରେ ହାରିଯା'ନ୍ତି, ସେଇମାନେ ହିଁ ଠେଙ୍ଗା ବାଡ଼ି ଧରି ବାହାରନ୍ତି । ଆମ ଛାତ୍ର ଓ ଅଧ୍ୟାପକମାନଙ୍କର କ'ଣ ଏପରି ଦୟନୀୟ ଅବସ୍ଥା ହେଲାଣି ?

ଏଭଳି ସମସ୍ୟାକୁ ଅନାସକ୍ତ ଭାବରେ ଦୃଢ଼ତାର ସହିତ ମୁକାବିଲା କରାଯିବା ଦରକାର । ଏହାହିଁ ଆଜିର ଆହ୍ୱାନ । ଦଳ, ମତ ନିର୍ବିଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ସାହସ ଓ ସମର୍ଥନ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଚବିଶି ଘଣ୍ଟା ମଧ୍ୟରେ ଅଣଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସରରୁ ହଟାଇ ଦିଆଯାଉ । ଗତକାଲିର ଘଟଣା ପାଇଁ ଯେଉଁମାନେ ଦାୟୀ ଏବଂ ଯାହାର ଚାକ୍ଷୁଷ ପ୍ରମାଣ ସାରା ଓଡ଼ିଶାବାସୀଙ୍କ ପାଖରେ ଅଛି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।